# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 3600 CUTTACK, WEDNESDAY, DECEMBER 28, 2022/PAUSA 7, 1944**

## ପୁରୀ ଜିଲ୍ଲାପାଳଙ୍କ, କାର୍ଯ୍ୟାଳୟ

## ଅଧିସୂଚନା

**ପତ୍ର ସଂଖ୍ୟା ୧୧୫୩** **ତାରିଖ ୧୯.୧୨.୨୦୨୨**

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ପୁରୀ ଠାରେ **"ଶ୍ରୀ ଜଗନ୍ନାଥ ମେଡିକାଲ କଲେଜ ଏବଂ ହସ୍ପିଟାଲ ନିର୍ମାଣ "** ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ୧ ଗୋଟି ମୌଜା – ବାଲୁଖଣ୍ଡ- ୧୫୧ ତହସିଲ – ପୁରୀ, ଜିଲ୍ଲା-ପୁରୀ ରେ ନିମ୍ନ ତଫସିଲ ମତେ ପ୍ରାୟ ଏକର **୫.୦୨୦** ଡିସିମିଲ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ ଅର୍ଜନ , ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act-୨୦୧୩) ର ୧୧ (୧ ) ଧାରା ରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚିରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ ଅର୍ଜନ , ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act-୨୦୧୩) ର ୧୧ (୧ ) ଧାରା ଅନୁଯାୟୀ ଘୋଷିତ ଏହି ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗୀତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

## ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧- ସାର୍ବଜନୀନ ଉଦ୍ଦେଶ୍ୟରେ ସ୍ୱରୂପ:- ପୁରୀ ତହସିଲର ୧ ଗୋଟି ମୌଜାରେ ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ପ୍ରକଳ୍ପ ଯଥା **"ଶ୍ରୀ ଜଗନ୍ନାଥ ମେଡିକାଲ କଲେଜ ଏବଂ ହସ୍ପିଟାଲ ନିର୍ମାଣ "** ନିମନ୍ତେ ।

୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଅଧିକ୍ଷଣ ଯନ୍ତ୍ରୀ, (ରାସ୍ତା ଓ ଗୃହ) ବିଭାଜନ, ପୁରୀ ।

୩- କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ:- କୌଣସି ବିସ୍ଥାପନର ଆବଶ୍ୟକତା ନାହିଁ ।

୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ :- ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣା ନାମା ଚିଠି ସଂଖ୍ୟା -୪୨୨୯୦ ତା. ୧୩.୧୨.୨୦୨୨ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮ (୨) ଧାରାରେ ଅନୁମୋଦନ ହୋଇଅଛି ।

୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପ-ଜିଲ୍ଲାପାଳ ,ପୁରୀ ।

୬ - **ଜମିର ବିବରଣୀ :-**

| ଜିଲ୍ଲା | ତହସିଲ | ଗ୍ରାମ/ ମୌଜା | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନମ୍ବର | ପ୍ଲଟ ନମ୍ବର | ପ୍ଲଟର ମୋଟ ରକବା (ଏକରରେ ) | ଅଧିସୂଚିତ ଜମିର ରକବା (ଏକରରେ ) | ରୟତର ନାମ |
|---|---|---|---|---|---|---|---|---|
| ପୁରୀ | ପୁରୀ | ବାଲୁଖଣ୍ଡ-୧୫୧ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୫.୦୨୦ | ଏଥିସହିତ ସଂଲଗ୍ନ |
| | | | | | | **ମୋଟ ରକବା =** | **୫.୦୨୦** | |

ଉକ୍ତ ଭୂମିର ଏକ ନକ୍ସା ଭୂ ଅର୍ଜନ ଅଧିକାରୀ, ପୁରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ , ହସ୍ତାନ୍ତର (ଦେଣ ନେଣ) କିମ୍ବା ଦୟା ସୃଷ୍ଟି ପୁରୀ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

| ପୁରୀ ଠାରେ ଶ୍ରୀ ଜଗନ୍ନାଥ ମେଡିକାଲ କଲେଜ ଏବଂ ହସ୍ପିଟାଲ ନିର୍ମାଣ ନିମନ୍ତେ ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ | | | | | | | |
|---|---|---|---|---|---|---|---|
| କ୍ର. ନଂ | ମୌଜାର ନାମ | ଖାତା ନଂ | ପ୍ଲଟ ନଂ | କିସମ | ମୋଟ ରକବା | ଅଧିଗ୍ରହଣ ରକବା | ଜମି ମାଲିକ ଙ୍କ ନାମ |
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ବାଲୁଖଣ୍ଡ -୧୫୧ | ୯୨ | ୧୨୯୭/୧୭୧୨ | ଶାରଦ -୩ | ୨.୫୯୦ | ୨.୫୯୦ | ଗୌରାଙ୍ଗ ନାୟକ, ଯଦୁ ନାୟକ ପି – ହାଲୁ ନାୟକ, ଗୁଣି ନାୟକ , ଜଇ ନାୟକ , ଗୋବିନ୍ଦ ନାୟକ ପି- ଖୁଦ ନାୟକ , ରାଧୁ ନାୟକ ପି- ବାବନ ନାୟକ , ଜା- ଖଣ୍ଡାୟତ , ବା- ନିଜିଗାଁ ସାମିଲି ବାଲିଗୁଆଳି । |
| ୨ | ବାଲୁଖଣ୍ଡ -୧୫୧ | ୧୨୬ | ୧୨୯୭/୧୭୧୩ | ଶାରଦ -୩ | ୨.୪୩୦ | ୨.୪୩୦ | ଜଟାଧାରୀ ଜେନା ପି- ବାଲି ଜେନା, ଜା- ଖଣ୍ଡାୟତ , ବା- ନିଜିଗାଁ ସାମିଲି ବାଲିଗୁଆଳି । |
| | | | | ମୋଟ | ୫.୦୨୦ | ୫.୦୨୦ | |

**ରାଜ୍ୟପାଳଙ୍କ ଆଦେଶ କ୍ରମେ**
**ସମର୍ଥ ବର୍ମା**
**ଜିଲ୍ଲାପାଳ, ପୁରୀ**

Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 2970—173+9